

'ପରଜା' ଓ 'ଅମୃତର ସନ୍ତାନ'। କେତେକ ଆଲୋଚକଙ୍କ ମତରେ ଏହି ଉପନ୍ୟାସ ଦୁଇଟିକୁ ସମାଜଶାସ୍ତ୍ରୀୟ ଅଭିଲେଖ ବୋଲି କୁହାଯାଉଥିଲେ ମଧ୍ୟ ଅନ୍ୟ ପକ୍ଷରେ କୁହାଯାଏ ଗୋପୀନାଥଙ୍କ କଳ୍ପନାଶୀଳ ସର୍ଜନଶୀଳତା ଦୃଷ୍ଟିରୁ ଏହି ଦୁଇଟି କାଳଜୟୀ ଉପନ୍ୟାସ। କାରଣ ଯାହା ହୋଇଥାଉନା କାହିଁକି ଏହାର କଥାବସ୍ତୁ ଆମ ଆଧୁନିକ ଓଡ଼ିଆ ଅବବୋଧର ଏକ ଅଭିନ୍ନ ଅଙ୍ଗ ହୋଇଯାଇଛି।

'ପରଜା' ଉପନ୍ୟାସରେ ରହିଛି ପାହାଡ଼ ଓ ଜଙ୍ଗଲ ଘେର ଭିତରେ ଥିବା ଏକ ପରଜା ପରିବାରର ପୀଡ଼ା ଓ ବ୍ୟଥାର କାହାଣୀ। ସରଳ ପରଜା ପରିବାର ନିଷ୍ପେସିତ ହୋଇଯାଇଛି ସାହୁକାରର ଚକ୍ରାନ୍ତରେ। ଛଳନାରେ ସାହୁକାର ତାଙ୍କ ଜମି ହଡ଼ପ କରିଛି, ଗୋତି ରଖିଛି ଓ ତାଙ୍କ ନାରଙ୍କ ପ୍ରତି ବ୍ୟଭିଚାର କରିଛି। ଶେଷରେ ସାହୁକାରକୁ ହତ୍ୟା କରାଯାଇଛି ସତ, ଦୁଷ୍ଟପଣ ସହିତ ସରଳତାର ଯେଉଁ ସଂଘର୍ଷ ହୋଇଛି, ଏଥିରେ ଯେଉଁ ସାମାଜିକ ସମସ୍ୟାର କଥା ବର୍ଣ୍ଣନା କରାଯାଇଛି, ତାହା ଏକ ସର୍ବକାଳୀନ ସମସ୍ୟା। ଶୋଷକ ଓ ଶୋଷିତର ସଂଘର୍ଷ, ସଂଘର୍ଷରୁ ଉତ୍ପନ୍ନ ପ୍ରତିକ୍ରିୟା ଗୁଡ଼ିକ ତଥା ଶୋଷିତର ମନ ଭିତରେ ଥିବା ପ୍ରତିଶୋଧର ଭାବନା ଆଦି ମାନବୀୟ ଚିନ୍ତନ ଖୁବ୍ ସୁଚାରୁ ରୂପେ ଏଥିରେ ବର୍ଣ୍ଣିତ ହୋଇଛି। ଏହି ସୁଦୀର୍ଘ ଉପନ୍ୟାସରେ ପରଜା ଜନଜାତିର ସାମାଜିକ ସ୍ଥିତି, ଜୀବନ ଯାପନ ଚିତ୍ର, ପର୍ବପର୍ବାଣୀ, ଅନ୍ଧବିଶ୍ୱାସ ଓ ପରମ୍ପରାର ବର୍ଣ୍ଣନା ରହିଛି ତେଣୁ ଏହାକୁ ଏକ ସାର୍ଥକ ଦଲିଲ୍ ବୋଲି କେହି କେହି କରିବାକୁ ପଛାନ୍ତି ନାହିଁ।

'ପରଜା' ଉପନ୍ୟାସରେ ନାଟକୀୟ ପରିଣତି ଥିବା ବେଳେ ତାଙ୍କ ରଚିତ ଅନ୍ୟତମ ଉପନ୍ୟାସ 'ଅମୃତ ସନ୍ତାନ' ହେଉଛି ଏକ ଚିନ୍ତନ ପ୍ରଧାନ ଉପନ୍ୟାସ। କାରଣ ଏହି କନ୍ଧ ଜନଜାତି ହେଉଛି ଅଧିକତର ପୁରାତନ ଜନଜାତି ଏବଂ ଏହାର ରହିଛି ଅତୀତବୋଧ। ମଣିଷ ହିଁ ଅମୃତର ସନ୍ତାନ, ଯିଏ ସଦାବେଳେ ଅନ୍ଧାରରୁ ଆଲୁଅକୁ ଯିବାକୁ ଚେଷ୍ଟା କରିଥାଏ। ମୃତ୍ୟୁରେ ମଧ୍ୟ ସେ ଜୀବନକୁ ଅନୁଶୀଳନ କରିଥାଏ ଏବଂ ସଂଘର୍ଷ ଓ ପୀଡ଼ାରୁ ଆନନ୍ଦ ଉପଲବ୍ଧି କରିବା ପାଇଁ ପ୍ରଯତ୍ନ କରିଥାଏ। ଏହି ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ ସେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସର ରଚନା କରିଛନ୍ତି ଯାହା ୧୯୫୫ ମସିହା ସକାଶେ କେନ୍ଦ୍ର ସାହିତ୍ୟ ଅକାଦେମି ଦ୍ୱାରା ପୁରସ୍କୃତ ହୋଇଥିଲା। ଏଠାରେ କହି ରଖିବା ଯଥାର୍ଥ ହେବ ଯେ ଏହା ହିଁ ଥିଲା ଆମ ଓଡ଼ିଆ ସାହିତ୍ୟ ସକାଶେ ପ୍ରଥମ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ପୁସ୍ତକ। ଏହି ଉପନ୍ୟାସରେ କୁହାଯାଇଛି, 'ଜୀବନ କେବଳ ମଧୁରତା ଦେଇଛି, ଦୁଃଖ ନୁହେଁ କି ମୃତ୍ୟୁ ବି ନୁହେଁ।' କନ୍ଧ ଜନଜାତିର ଏହି ଆସ୍ଥା ଓ ବିଶ୍ୱାସ ଅଜେୟ ମାନବ ଚେତନାର ପ୍ରତୀକ ସ୍ୱରୂପ।

'ମାଟିମଟାଳ' ତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ ଏବଂ ଏହା ଓଡ଼ିଶାର ଜନଜାତିର ଚରିତ୍ରମାନଙ୍କୁ ନେଇ ରଚିତ ହୋଇନାହିଁ। ଏହାର କଥାବସ୍ତୁରେ ରହିଛି ସାଧାରଣ ଗ୍ରାମୀଣ କ୍ଷେତ୍ରର ଜନଜୀବନ ଓ ତାହାର ଚରିତ୍ରମାନେ। ନାୟକ ରବି ଓ ନାୟିକା ଛବି ସମ୍ପୂର୍ଣ୍ଣ ଉପନ୍ୟାସରେ କେବଳ ଦୁଇ ତିନିଥର ଭେଟଘାଟ ହୋଇଛନ୍ତି ଏବଂ ନିଜ ଭିତରେ ଖୁବ୍ କମ୍ ଆଳାପ କରିଛନ୍ତି। ଏପରି ଏକ ସ୍ଥିତିରେ ଏହି ଯୁବକ ଯୁବତୀଦ୍ୱୟଙ୍କ ମଧ୍ୟରେ ପ୍ରତ୍ୟୟ ରହିଛି ଯେ ସେମାନଙ୍କ ଭିତରେ ଏକ ଗଭୀର ସମ୍ପର୍କ ରହିଛି ଏବଂ ଏହି ସୂକ୍ଷ୍ମ ଅଥଚ ବଳିଷ୍ଠ ଚେତନାଗତ ସମ୍ପର୍କ ହିଁ ଉପନ୍ୟାସକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି ରଖିଛି।

'ମାଟି ମଟାଳ'ର କଳେବର ତାହାର କଥାଭୂମିଠାରୁ ଢ଼େର ବିଶାଳ। ଏହି ବକ୍ତବ୍ୟ ତାହାରି ଚରିତ୍ର ଓ କାଳଖଣ୍ଡ ସମ୍ପର୍କରେ ମଧ୍ୟ କୁହାଯାଇପାରେ। ଏହି ଉପନ୍ୟାସର ଚରିତ୍ର ପ୍ରତିନିଧିମୂଳକ ନ ହୋଇପାରନ୍ତି, ମାତ୍ର ନିଜ ଆତ୍ମାର ଶକ୍ତି ଅନୁସାରେ ହିଁ ସେ ନିଜର ଗନ୍ତବ୍ୟ ସ୍ଥଳକୁ ପ୍ରେରିତ ହୋଇ ଆତ୍ମସନ୍ତୋଷ ପ୍ରାପ୍ତ କରୁଛି। କାଳ ପରିପ୍ରେକ୍ଷୀରେ ଏହି ରଚନାରେ ଓଡ଼ିଶାର ଗ୍ରାମ୍ୟ ଜୀବନର ଏକ ସମ୍ପୂର୍ଣ୍ଣ